# କୃଷି କଳିକା
# The Krushi Kalika








କୃଷି ବିଜ୍ଞାନ କେନ୍ଦ୍ର
କଳାହାଣ୍ଡି

କୃଷି ସମାଚାର ପତ୍ରିକା
Krishi Samachar Patrika

Krishi Vigyan Kendra
Kalahandi

ଅଷ୍ଟଦଶ ବର୍ଷ  ପ୍ରଥମ ସଂଖ୍ୟା  ଜୁନ୍-ଡିସେମ୍ବର ୨୦୨୫ | 18th Year  1st Issue  June-Dec. 2025


## ସଂପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା...



ପ୍ରଫେସର ପ୍ରସନ୍ନଜିତ ମିଶ୍ର
ଅଧ୍ୟକ୍ଷ, ସଂପ୍ରସାରଣ ନିର୍ଦ୍ଦେଶାଳୟ

କୃଷି ଏବଂ ଆନୁଷଙ୍ଗିକ ବୈଷୟିକ ଜ୍ଞାନକୌଶଳ କଳାହାଣ୍ଡି ଜିଲ୍ଲାର ଚାଷୀଭାଇ ଓ ଭଉଣୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି ସର୍ବଦା ଚେଷ୍ଟିତ। ବିଗତ ତିନି ଦଶନ୍ଧି ଧରି ଉକ୍ତ କେନ୍ଦ୍ର କୃଷିଜୀବୀ ଭାଇ ଓ ଭଉଣୀ ମାନଙ୍କ ସାମୁହିକ ଉନ୍ନତି ପାଇଁ ସହଯୋଗ କରିଆସିଛି। ବୁଣା ଧାନ ଫସଲରେ ଉନ୍ନତ ପ୍ରଣାଳୀରେ ମଞ୍ଜି ବୁଣା, ମେସିନ ଚାଳିତ ଯନ୍ତ୍ର ଦ୍ୱାରା ଧାନ ରୁଆ, ରୋଗ ପୋକର ସମନ୍ୱିତ ନିୟନ୍ତ୍ରଣ, କପା ଫସଲରେ ସମନ୍ୱିତ କୀଟ ପରିଚାଳନା, ସଘନ କପା ଚାଷ, ପନିପରିବା ଫସଲରେ ଶଙ୍କର କିସମର ବ୍ୟବହାର, ଅଣୁସାର ପ୍ରୟୋଗ, ଡାଲିଜାତୀୟ ଫସଲରେ ସମନ୍ୱିତ ରୋଗ ପରିଚାଳନା, ବାଡି ଅଗଣାରେ ଉନ୍ନତ କିସମର କୁକୁଡ଼ା ପାଳନ, ଆଜୋଲା ଚାଷ, କୃଷିଯାନ୍ତ୍ରୀକରଣ ଇତ୍ୟାଦି ଜ୍ଞାନକୌଶଳ ପ୍ରସାରରେ କୃଷି ବିଜ୍ଞାନ କେନ୍ଦ୍ରର ଯୋଗଦାନ ଅତୁଳନୀୟ। ଏତଦବ୍ୟତୀତ ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ ସଠିକ ସମୟରେ ଧାନ, ହରଡ଼ ଫସଲର ଉନ୍ନତ ପ୍ରାମାଣିକ ବିହନ, ପନିପରିବା ଚାରା, ଛତୁମଞ୍ଜି, କୁକୁଡ଼ା, ବତକ ଚିଆଁ ଯୋଗାଇ ଦେବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ନିରନ୍ତର ଚେଷ୍ଟିତ।

କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡିର କୃଷି ସମାଚାର ପତ୍ରିକା 'କୃଷି କଳିକା'ର ଅଷ୍ଟଦଶ ବର୍ଷ ପ୍ରକାଶ ପାଉଥିବା ଏକ ଆନନ୍ଦର ବିଷୟ। ଏହି ପତ୍ରିକା ଉନ୍ନତ କୃଷିଭିତ୍ତିକ ଜ୍ଞାନକୌଶଳର ପ୍ରଚାର ଓ ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୋର ଆଶା।

(ପ୍ରଫେସର ପ୍ରସନ୍ନଜିତ ମିଶ୍ର)

## ସମ୍ପାଦକଙ୍କ ଲେଖନୀରୁ...



ଡ. ଅମିତାଭ ପଣ୍ଡା
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

କଳାହାଣ୍ଡି ଏକ କୃଷି ପ୍ରଧାନ ଜିଲ୍ଲା। ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟସତ୍ତ୍ୱେ ଏହି ଜିଲ୍ଲା ବିଭିନ୍ନ ପ୍ରକାର ଫସଲ ବିବିଧାତରେ ପରିପୂର୍ଣ୍ଣ। ଏପରି ଏକ କୃଷିପ୍ରଧାନ ଜିଲ୍ଲାରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। (ବିଗତ ତିନି ଦଶନ୍ଧି ଧରି ଉକ୍ତ କେନ୍ଦ୍ର କୃଷିଜୀବୀ ଭାଇ ଓ ଭଉଣୀ ମାନଙ୍କର ସାମୁହିକ ଉନ୍ନତି ପାଇଁ କାର୍ଯ୍ୟ କରିଆସୁଛି।) କପା ଫସଲରେ ସମନ୍ୱିତ କୀଟ ପରିଚାଳନା, କ୍ଷୁଦ୍ର ଏବଂ ଗୌଣ ଶସ୍ୟର ପରିଚାଳନା, କୃଷିଯାନ୍ତ୍ରିକରଣ, ହରଡ଼ ଓ କପା ଫସଲରେ ଅନ୍ତଃଚାଷ, ପନିପରିବା ଫସଲରେ ଅଣୂସାରର ପ୍ରୟୋଗ, ତୈଳବୀଜ ଫସଲରେ ଗନ୍ଧକର ଉପଯୋଗ, ମୁକ୍ତ ଅଗଣାରେ ଉନ୍ନତ କୁକୁଡ଼ା ପାଳନ, ଗୋଖାଦ୍ୟ ପାଇଁ ଆଜୋଲା ଚାଷ, ବିଭିନ୍ନ ଜଳବାୟୁ ସହନଶୀଳ ଚାଷପ୍ରଣାଳୀ ଇତ୍ୟାଦି ଜ୍ଞାନକୌଶଳ ପ୍ରଚାର ଓ ପ୍ରସାରରେ ଉକ୍ତ କେନ୍ଦ୍ରର ଯୋଗଦାନ ଅତୁଳନୀୟ। ଏତଦବ୍ୟତୀତ ବିଭିନ୍ନ ପ୍ରମୁଖ ପ୍ରକଳ୍ପ ଯଥା ଜାତୀୟ ଜଳବାୟୁ ସହନଶୀଳ କୃଷି ନବୀନତା (ନିକ୍ରା), ଉଦ୍ଭିଦ ସ୍ୱାସ୍ଥ୍ୟ କେନ୍ଦ୍ର, ଡାଲିଜାତୀୟ ବିହନ ଉତ୍ପାଦନ, ଅନୁସୂଚିତ ଜାତି ଉପଯୋଜନା ମାଧ୍ୟମରେ ଶସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ କୃଷକମାନଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଉକ୍ତ କେନ୍ଦ୍ରର ସମାଚାର ପତ୍ର 'କୃଷି କଳିକା'ର ଅଷ୍ଟାଦଶ ବର୍ଷ ପ୍ରକାଶନ ଅବସରରେ କେନ୍ଦ୍ରର ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ପତ୍ରିକା କଳାହାଣ୍ଡିର ଚାଷୀଭାଇ ଓ ଭଉଣୀମାନଙ୍କ ପଥ ପ୍ରଦର୍ଶନରେ ସହାୟକ ହେବ ବୋଲି ଆଶା କରୁଛି।

(ଡ. ଅମିତାଭ ପଣ୍ଡା)

# ଉଦ୍ଭିଦ ସ୍ୱାସ୍ଥ୍ୟ ଶିବିର ସଚେତନ ଅଭିଯାନ

କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି ତରଫରୁ ଚଳିତ ବର୍ଷ ୨୦୨୫-୨୬ ଭବାନୀପାଟଣା ବ୍ଲକ ସ୍ଥିତ ତେନ୍ତୁଳିପଡା ଗ୍ରାମରେ ତା:୧୫.୧୦.୨୦୨୫ ରିଖ ଦିନ ଏକ ଉଦ୍ଭିଦ ସ୍ୱାସ୍ଥ୍ୟ ଶିବିର ସଚେତନ ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା କୃଷକ ମାନଙ୍କୁ ଫସଲରେ ରୋଗପୋକ ଏବଂ ପୋଷକତତ୍ତ୍ୱ ଅଭାବ ସମ୍ପର୍କରେ ସଚେତନ କରାଇବା ସହିତ ପରାମର୍ଶ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇମାନେ ଯୋଗ ଦେବା ସହିତ କୃଷି ବିଶେଷଜ୍ଞମାନେ ଗଛର ସମସ୍ୟା ଚିହ୍ନଟ, ନମୁନା ପରୀକ୍ଷା ଏବଂ ସୁସ୍ଥ ଫସଲ ଉତ୍ପାଦନ ପାଇଁ ବୈଜ୍ଞାନିକ ପଦ୍ଧତି ବିଷୟରେ କୃଷକମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୃଷକମାନେ ବୈଜ୍ଞାନିକ ଓ ପରିବେଶ ମିତ୍ର ପରାମର୍ଶ ପାଇଁ ଅନାବଶ୍ୟକ



ରାସାୟନିକ ବ୍ୟବହାର କମିଯିବା ସହ ଫସଲ ଉତ୍ପାଦନ, ଗୁଣ ଓ ମାନ ବୃଦ୍ଧିରେ ସହାୟକ ହୋଇଥାଏ। ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଭାଗର କର୍ମକର୍ତ୍ତା ଶ୍ରୀ ତନୟ ସା, କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ କୃଷି ବୈଜ୍ଞାନିକ ଶ୍ରୀମତୀ ତୁଳସୀ ମାଝୀ ଏବଂ ଉଦ୍ଭିଦ ସ୍ୱାସ୍ଥ୍ୟ କ୍ଲିନିକ ପ୍ରକଳ୍ପର ସହାୟକ ଶ୍ରୀ ବିଶ୍ୱରଞ୍ଜନ ବାରିକ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପ୍ରାଣୀସମ୍ପଦର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଚଳିତ ୨୦୨୫-୨୬ ବର୍ଷରେ କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି ପରିସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ, ଓଡ଼ିଶା ସରକାରଙ୍କ ସହିତ ମିଳିତ ଆନୁକୂଲ୍ୟରେ ତିନିଗୋଟି ତ୍ରିଦିବସୀୟ ତାଲିମ କାର୍ଯ୍ୟକ୍ରମ ଯଥା- ମଧ୍ୟମସ୍ତରୀୟ ଉଦ୍ୟୋଗୀଙ୍କ ନିମନ୍ତେ ଗୋପାଳନ ସେପ୍ଟେମ୍ବର ୨୩-୨୫ ତାରିଖ, ବ୍ରଏଲର୍ କୁକୁଡ଼ା ପାଳନ ଅକ୍ଟୋବର ୩୦-ନଭେମ୍ବର୧ ଏବଂ ଲେୟର୍ କୁକୁଡ଼ା ପାଳନ ଡିସେମ୍ବର ୨୨-୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ ତାଲିମ କାର୍ଯ୍ୟକ୍ରମରେ କଳାହାଣ୍ଡି



ଜିଲ୍ଲାର ୨୦ ଜଣ ଲେଖାଏଁ ସମୁଦାୟ ୬୦ ଜଣ ଚାଷୀ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ଅମିତାଭ ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ନିରୋଦ ଚନ୍ଦ୍ର କଅଁର, ତାଙ୍କ ସହକର୍ମୀଙ୍କ ସହ ଚାଷୀମାନଙ୍କୁ ଗୋପାଳନ ଓ କୁକୁଡ଼ା ପାଳନର ବିଭିନ୍ନ ଆନୁସଙ୍ଗିକ ଦିଗ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ଚାଷୀମାନଙ୍କୁ କ୍ଷେତ୍ର ପ୍ରଦର୍ଶନ ପାଇଁ ମଧ୍ୟ ନିଆଯାଇ ମାନପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ବୈଜ୍ଞାନିକ ଶ୍ରୀମତୀ ଶୁଭଶ୍ରୀ ସାହୁ, ଡଃ ଜଗମୋହନ ମେହେର, ଶ୍ରୀ ତ୍ରିବିଜୟୀ ବଡ଼ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଉତ୍ପାଦକ ସଂଗଠନ ଗୁଡିକର ସୁଦୃଢୀକରଣ ପାଇଁ ପ୍ରଶିକ୍ଷଣ ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ




ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି ଦ୍ୱାରା ଜିଲ୍ଲାର ୧୧ ଗୋଟି କୃଷକ ଉତ୍ପାଦକ ସଂଗଠନ (FPO) ଗୁଡ଼ିକର ଶାସନ, ପରିଚାଳନା ଓ ମୂଲ୍ୟ ସଂଯୋଜନ କ୍ଷମତା ବୃଦ୍ଧି ଲକ୍ଷ୍ୟରେ ୨ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଗୋଟିଏ ଅନ୍ତର୍ରାଜ୍ୟ ଏକ୍ସପୋଜର୍ ଭିଜିଟ୍ ସଫଳତାର ସହ ଆୟୋଜିତ ହୋଇଥିଲା। ପ୍ରଥମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ "ସରକାରୀ ସହଯୋଗ ସହିତ କୃଷକ ଉତ୍ପାଦକ ସଂଗଠନର ନେତୃତ୍ୱରେ କୃଷି ପ୍ରକ୍ରିୟାକରଣ ଓ ମୂଲ୍ୟ ଶୃଙ୍ଖଳାର ବିକାଶ" ବିଷୟରେ କେ.ଭି.କେ. ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ସରକାରୀ ଯୋଜନା, କୃଷି ପ୍ରକ୍ରିୟାକରଣ ସୁଯୋଗ, ମାର୍କେଟ୍ ଲିଙ୍କେଜ୍ ଓ ମୂଲ୍ୟ ସଂଯୋଜନା ଉପରେ ଆଲୋଚନା କରାଯାଇଥିଲା । ଦ୍ୱିତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ "ଉତ୍ପାଦକ ସଂଗଠନର ନିର୍ଦ୍ଦେଶକ ଓ କର୍ମଚାରୀମାନଙ୍କ ପାଇଁ ସୁଶାସନ" ବିଷୟରେ ଆୟୋଜିତ ହୋଇଥିଲା, ଯେଉଁଥିରେ ନଥି ରଖିବା, ସ୍ୱଚ୍ଛତା, ଆର୍ଥିକ ପରିଚାଳନା ଓ ସଂଗଠନାତ୍ମକ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ତତ୍‌ପରି, ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟ (IGKV), ରାୟପୁର (ଛତିଶଗଡ଼)କୁ ଗୋଟିଏ ଅନ୍ତଃରାଜ୍ୟ ଏକ୍ସପୋଜର୍ ଭିଜିଟ୍ ଆୟୋଜିତ କରାଯାଇଥିଲା, ଯେଉଁଥିରେ ୬ଟି ଉତ୍ପାଦକ ସଂଗଠନର ୧୪ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରାହୀମାନେ ରାୟପୁରର ଫଳ ଓ ପନିପରିବା ମଣ୍ଡି, IGKV ଏବଂ କେ.ଭି.କେ.ର ମହୁଚାଷ, ପ୍ରାକୃତିକ କୃଷି ଓ ନର୍ସରୀ ପରିଦର୍ଶନ କରି ମୂଲ୍ୟବାନ ଅନୁଭବ ସଂଗ୍ରହ କରିଥିଲେ।

# ନିକ୍ରା ପ୍ରକଳ୍ପ ଅଧୀନରେ ଗୁଡ଼ାଙ୍ଗ ଗ୍ରାମରେ ପଶୁ ସ୍ୱାସ୍ଥ୍ୟ ସୁରକ୍ଷା ଓ ଟିକାକରଣ ଶିବିର ଆୟୋଜିତ





ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (OUAT) ଅଧୀନସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି ଦ୍ୱାରା ଫେବୃଆରୀ ୨୦୨୫ରେ କଳାହାଣ୍ଡି ଜିଲ୍ଲାର ସଦର ବ୍ଲକ୍ ଅନ୍ତର୍ଗତ ଗୁଡ଼ାଙ୍ଗ ଗ୍ରାମରେ ଜାତୀୟ ଜଳବାୟୁ-ସହନଶୀଳ କୃଷି ନବୀନତା (NICRA) ପ୍ରକଳ୍ପ ଅଧୀନରେ ଏକ ପଶୁ ସ୍ୱାସ୍ଥ୍ୟ ସୁରକ୍ଷା ଓ ଟିକାକରଣ ଶିବିର ଆୟୋଜନ କରାଯାଇଥିଲା। ନିକ୍ରା ପ୍ରକଳ୍ପର ମୁଖ୍ୟ ନିରୀକ୍ଷକ ଡଃ ଅମିତାଭ ପଣ୍ଡା, ଉପ-ନିରିକ୍ଷକ ଡଃ ବିନୋଦ କୁମାର ଜେନା ଏବଂ ବରିଷ୍ଠ ଗବେଷକ ଶ୍ରୀ ସ୍ୱରାଜ ମେହେରଙ୍କ ତତ୍ୱାବଧାନ ରେ ଶିବିରଟି ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି ପଶୁ ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ କୃଷକମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଗୁଡ଼ାଙ୍ଗ ଗ୍ରାମ ଏବଂ ପାଖପାଖି ଗ୍ରାମଗୁଡ଼ିକର ପ୍ରାୟ ୫୦ଟି କୃଷକ ପରିବାର ଏହି କାର୍ଯ୍ୟକ୍ରମରୁ ସିଧାସଳଖ ଲାଭାନ୍ୱିତ ହୋଇଥିଲେ। ଶିବିରରେ ଟିକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ସାଧାରଣ ରୋଗ ଚିହ୍ନଟ, କୀଟନାଶକ (ଡିଓ୍ୱର୍ମିଂ) ପରାମର୍ଶ ଓ ଆବଶ୍ୟକ ଔଷଧ ବିତରଣ ସହିତ ସମ୍ପୂର୍ଣ୍ଣ ପଶୁଚିକିତ୍ସା ସେବା ପ୍ରଦାନ କରାଯାଇଥିଲା। ଶିବିର ସମୟରେ ମୋଟ ୫୦୨ଟି ପଶୁଙ୍କୁ ଟିକାକରଣ ଓ ଚିକିତ୍ସା ସେବା ଦିଆଯାଇଥିଲା। ଏଥିରେ ୧୨୮ଟି ଗାଈ ବଳଦ, ୨୮୦ଟି ଛେଳି ଓ ୯୪ଟି ମେଣ୍ଢା ଅନ୍ତର୍ଭୁକ୍ତ ଥିଲେ। ଜଳବାୟୁ ପରିବର୍ତ୍ତନ ହେତୁ ଅଞ୍ଚଳରେ ବଢୁଥିବା ପଶୁ ରୋଗ ସଂକ୍ରମଣକୁ ଧ୍ୟାନରେ ରଖି, ଫୁଟ୍ ଆଣ୍ଡ୍ ମାଉଥ୍ ଡିଜିଜ୍ (FMD), ହେମୋରେଜିକ୍ ସେପ୍ଟିସିମିଆ (HS), ବ୍ଲାକ୍ କ୍ୱାର୍ଟ (BQ), ପିପିଆର୍ (PPR), ଏଣ୍ଟେରୋ-ଟୋକ୍ସିମିଆ, ଏଣ୍ଡୋ-ପାରାସାଇଟ୍ ସଂକ୍ରମଣ ଓ ଚର୍ମ ରୋଗ ଭଳି ସାଧାରଣ ପଶୁ ରୋଗ ବିରୋଧରେ ପ୍ରତିରୋଧକ ଟିକାକରଣ ହୋଇଥିଲା। ଚିକିତ୍ସା ସେବା ସହିତ ସହିତ ଏହି ଶିବିର କୃଷକମାନଙ୍କ ପାଇଁ ଏକ ପ୍ରଭାବଶାଳୀ ସଚେତନତା ମଞ୍ଚ ଭାବେ କାର୍ଯ୍ୟ କରିଥିଲା। କେ.ଭି.କେ, କଳାହାଣ୍ଡିର ନିକ୍ରା ଟିମ୍ ପଶୁପାଳକମାନଙ୍କ ସହ ଆଲୋଚନା କରି ସମୟୋଚିତ ଟିକାକରଣ, ସନ୍ତୁଳିତ ଆହାର, ସଫା ଆବାସ, ନିୟମିତ କୀଟନାଶକ ଓ ଚାପ ପରିଚାଳନାର ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ରାଜ୍ୟ ସରକାରଙ୍କ ପଶୁଚିକିତ୍ସା ବିଭାଗ ସହିତ ସକ୍ରିୟ ସମନ୍ୱୟରେ ଆୟୋଜିତ ଏହି ଶିବିରରେ ବିଭାଗୀୟ ଅଧିକାରୀ ଓ ପଶୁଚିକିତ୍ସକମାନେ ତାଙ୍କର ପ୍ରାୟୋଗିକ ଦକ୍ଷତା ଦ୍ୱାରା ଗୁଣାତ୍ମକ ସେବା ପ୍ରଦାନ କରିଥିଲେ।

## ପଲିପ୍ରୋପିଲିନ୍‌ରେ ଛତୁ ବିହନ ଉତ୍ପାଦନ

ସାଧାରଣତଃ କଳାହାଣ୍ଡି ଜିଲ୍ଲାର ସ୍ଥାନୀୟ ବଜାରରେ ରଙ୍ଗୀନ କାଚବୋତଲରେ ବିହନ ଉପଲବ୍ଧ ହୋଇଥାଏ। ଯାହାକି ଅସ୍ୱାସ୍ଥ୍ୟକର ଏବଂ ନେବା ଆଣିବାରେ ଅସୁବିଧାଜନକ। ଏହି ଅସୁବିଧାକୁ ଉପଲବ୍ଧ କରି କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି ପଲିପ୍ରୋପିଲିନ୍‌ରେ ପାଳଛତୁ ଓ ଧିଙ୍ଗିରୀଛତୁର ବିହନ ଉତ୍ପାଦନ କରୁଛି ଏବଂ ବିଭିନ୍ନ ଛତୁଭିତ୍ତିକ କାର୍ଯ୍ୟକ୍ରମ ଯଥା- ଅନୁସୂଚିତ ଜାତିମାନଙ୍କୁ ବିହନ ବଣ୍ଟନ, ଆଗୁଆଧାଡ଼ି କ୍ଷେତ୍ର ପ୍ରଦର୍ଶନୀ, ଚାଷୀ ମେଳା, କୃଷକ ଓ କୃଷିଜୀବୀ ମହିଳା , ଗ୍ରାମୀଣ ଯୁବକ ଯୁବତୀ ତଥା ସମ୍ପ୍ରସାରଣ କର୍ମୀମାନଙ୍କୁ ତାଲିମ ଇତ୍ୟାଦିରେ ବଣ୍ଟନ କରୁଛି। ଉକ୍ତ ବିହନର ବିକ୍ରୟ ମୂଲ୍ୟ ୨୦ଟଙ୍କା (୨୦୦ ଗ୍ରାମ୍ ପ୍ରତି)। କାଚବୋତଲ ବିହନ ତୁଳନାରେ ଏହା କମ୍ ଓଜନଯୁକ୍ତ, ନେବା ଆଣିବା ପାଇଁ ସୁବିଧାଜନକ ଏବଂ କୌଣସି ରୋଗ ହେଲେ ସହଜରେ ଅନୁମାନ କରିହୁଏ। ଏତଦ୍ ବ୍ୟତୀତ ଫିମ୍ପିର ଅଭିବୃଦ୍ଧି ମଧ୍ୟ ଏହି ପଲିପ୍ରୋପିଲିନ୍ ବ୍ୟାଗ୍‌ରେ ଶୀଘ୍ର ହୋଇଥାଏ।




## ଆଦର୍ଶ ଡାଲି ଜାତୀୟ ଫସଲ ଗ୍ରାମ କାର୍ଯ୍ୟକ୍ରମ-୨୦୨୫ ଅଧୀନରେ

## ଡାଲି ଫସଲର ସଫଳ ପ୍ରଦର୍ଶନୀ



କୃଷକମାନଙ୍କ ଆୟ ବୃଦ୍ଧି ଓ ଡାଲି ଫସଲର ଉତ୍ପାଦନଶୀଳତା ବଢ଼ାଇବା ଲକ୍ଷ୍ୟରେ ଆଦର୍ଶ ଡାଲି ଜାତୀୟ ଫସଲ ଗ୍ରାମ (Model Pulse Village) କାର୍ଯ୍ୟକ୍ରମ-୨୦୨୫ ଅଧୀନରେ କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡିର ନିର୍ଦ୍ଦେଶନାରେ କେସିଙ୍ଗା ବ୍ଲକର ଠେମେରା ଓ ନାଗୁପଲ୍ଲୀ ଗ୍ରାମରେ ଡାଲି ଫସଲର ପ୍ରଦର୍ଶନୀ କାର୍ଯ୍ୟକ୍ରମ ସଫଳତାର ସହିତ କାର୍ଯ୍ୟାନ୍ୱିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ହରଡ଼ ଫସଲକୁ ୧୩୦ ହେକ୍ଟର ଜମିରେ ଏବଂ ମୁଗ ଫସଲକୁ ୧୨୦ ହେକ୍ଟର ଜମିରେ ପ୍ରଦର୍ଶନୀ ରୂପେ ଚାଷ କରାଯାଇଥିଲା। ସ୍ଥାନୀୟ ପ୍ରଜାତି ଓ ପାରମ୍ପରିକ ପଦ୍ଧତି ପରିବର୍ତ୍ତେ ଉନ୍ନତ ପ୍ରଜାତି ଓ ସୁଧାରିତ ଚାଷ ପ୍ରଣାଳୀ ଅନୁସରଣ କରାଯାଇଥିଲା। ପ୍ରଦର୍ଶନୀ ସମୟରେ କୃଷକମାନଙ୍କୁ ସଠିକ୍ ବିହନ ହାର, ବିହନ ବିଶୋଧନ, ଧାଡ଼ିକୁ ଧାଡ଼ି ଓ ଗଛ ମଧ୍ୟ ଦୂରତା, ସମନ୍ୱିତ ସାର ପ୍ରୟୋଗ, ରୋଗ ଓ ପୋକ ନିୟନ୍ତ୍ରଣ ସମ୍ବନ୍ଧୀୟ ପ୍ରାୟୋଗିକ ପରାମର୍ଶ ଦିଆଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡିର ବୈଜ୍ଞାନିକମାନେ ସମୟ ସମୟରେ କ୍ଷେତ୍ର ପରିଦର୍ଶନ କରି କୃଷକମାନଙ୍କୁ ପ୍ରାୟୋଗିକ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

## ଠେମେରା ଗ୍ରାମରେ ମୃତ୍ତିକା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି ଦ୍ୱାରା କେସିଙ୍ଗା ବ୍ଲକ ସ୍ଥିତ ଠେମେରା ଗ୍ରାମରେ ତା୧୭.୧୨.୨୦୨୫ରିଖ ଦିନ ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୫୦ ଜଣ କୃଷକ ଏବଂ କୃଷିଜୀବି ମହିଳା ଅଂଶ ଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବିଜ୍ଞାନ ବିଶେଷଜ୍ଞା ଡଃ. ଶ୍ରଦ୍ଧା ମହାନ୍ତି ଚାଷୀମାନଙ୍କୁ ମାଟି ପରୀକ୍ଷାର ଗୁରୁତ୍ୱ, ନମୁନା ମାଟି ସଂଗ୍ରହ, ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକାର ବ୍ୟବହାର, ସନ୍ତୁଳିତ ସାର ପ୍ରୟୋଗ ତଥା ଜିଆଖତର ଉପଦେୟତା ଏବଂ ପ୍ରାକୃତିକ କୃଷି ମାଧ୍ୟମରେ ମାଟିର ପୋଷକତତ୍ତ୍ୱ ପରିଚାଳନା ଆଦି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ଚାଷୀମାନେ ନିଜ ଜମିରୁ ନମୁନା ମାଟି ସଂଗ୍ରହ କରି ପରୀକ୍ଷା ପାଇଁ ଆମ କେନ୍ଦ୍ରକୁ ପଠାଇଥିଲେ। ଚାଷୀମାନେ ମୃତ୍ତିକା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ବିଶେଷଜ୍ଞଙ୍କ ଠାରୁ ପାଇଥିଲେ। କାର୍ଯ୍ୟକ୍ରମରେ ଠେମେରା ଗ୍ରାମର ସରପଞ୍ଚ, କୃଷି ବିଭାଗର କର୍ମକର୍ତ୍ତା ଏବଂ କୃଷି ବିଜ୍ଞାନ କେନ୍ଦ୍ରର କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଶ୍ରୀ ତ୍ରିବିଜୟୀ ବଡ଼ଜେନା ଉପସ୍ଥିତ ଥିଲେ ।

## ନିକ୍ରା ପ୍ରକଳ୍ପ ଅଧୀନରେ ଇନ୍ଦ୍ରମାଳ ଗ୍ରାମରେ ନିରୀକ୍ଷଣ ଭ୍ରମଣ ଓ କୃଷକ–ବୈଜ୍ଞାନିକ ସମ୍ବାଦ

ନିକ୍ରା ପ୍ରକଳ୍ପ ଅଧୀନରେ ଆମ କେନ୍ଦ୍ର ଦ୍ୱାରା ଅଧିକୃତ ଗ୍ରାମ ନର୍ଲା ବ୍ଲକର ଇନ୍ଦ୍ରମାଳଠାରେ ଗତ ନଭେମ୍ବର ୨୮ ତାରିଖରେ ଏକ ନିରୀକ୍ଷଣ ଭ୍ରମଣ, କୃଷକ ସଭା ଓ କୃଷକ-ବୈଜ୍ଞାନିକ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡ. କଲ୍ୟାଣ ସୁନ୍ଦର ଦାସ, ପ୍ରଧାନ ବୈଜ୍ଞାନିକ, ICAR–ATARI, କୋଲକାତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିକ୍ରା ପ୍ରକଳ୍ପ ଅଧୀନରେ ରୂପାୟଣ ହେଉଥିବା ଜଳବାୟୁ-ସହନଶୀଳ ପ୍ରଯୁକ୍ତିଗୁଡ଼ିକର କ୍ଷେତ୍ରସ୍ତରୀୟ ପ୍ରଭାବ ମୂଲ୍ୟାୟନ କରିଥିଲେ। ଡ଼. ଅମିତ୍ ଫୋଙ୍ଗଲୋସା, କୃଷି ସଂପ୍ରସାରଣ ଉପ-ନିର୍ଦ୍ଦେଶକ, ଓୟୁଏଟି ଯୋଗଦେଇ କୃଷକ-ବୈଜ୍ଞାନିକ ସମ୍ବାଦକୁ



ଜଳବାୟୁ-ସହନଶୀଳ କୃଷିର ମୂଳ ଆଧାର ଭାବେ ଉଲ୍ଲେଖ କରିଥିଲେ। ଡ଼. ଅମିତାଭ ପଣ୍ଡା (ନିକ୍ରା ପ୍ରକଳ୍ପ, ମୁଖ୍ୟ ନିରୀକ୍ଷକ), ଶ୍ରୀ ବିନୋଦ କୁମାର ଜେନା (ଉପ-ନିରୀକ୍ଷକ) ଓ ଶ୍ରୀ ସ୍ୱରାଜ ମେହେର (ବରିଷ୍ଠ ଗବେଷକ)ଙ୍କ ନେତୃତ୍ୱରେ ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ସମ୍ବାଦ ସମୟରେ ଫସଲ ବିବିଧିକରଣ, ଜଳ-ଦକ୍ଷ ସିଂଚନ, ସଂସାଧନ ସଂରକ୍ଷଣ ଓ ଜଳବାୟୁ-ଅନୁକୂଳ ପଶୁପାଳନ ପଦ୍ଧତି ଉପରେ ଆଲୋଚନା ହୋଇଥିଲା। ଅତିଥି ଓ କୃଷକମାନେ ଉନ୍ନତ ଛେଳି ଗୃହ, ସୋନାଲୀ କୁକୁଡ଼ା ପାଳନ, ଗ୍ରାଫ୍‌ଟେଡ୍ ଟମାଟୋ, ଡ୍ରିପ୍ ସିଂଚନ ସହ ପଲିମଲ୍‌ଚିଂ, ସୁପର ନାପିଆର ଚାଷ ଓ ଜିଆଖତ ପରି ପ୍ରଦର୍ଶନୀ ଦର୍ଶନ କରିଥିଲେ। କୃଷକମାନେ ଏହି ପ୍ରଯୁକ୍ତିଗୁଡ଼ିକୁ ଜଳ ଅଭାବ ଓ ଅତ୍ୟଧିକ ତାପମାନ ପରିସ୍ଥିତିରେ ଅତ୍ୟନ୍ତ ଉପଯୋଗୀ ବୋଲି ମତ ପ୍ରକାଶ କରିଥିଲେ।

## ପାଞ୍ଚ ଦିନିଆ ପ୍ରାକୃତିକ କୃଷି ପ୍ରଶିକ୍ଷଣ ଶିବିର

କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି ଏବଂ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳିତ ଭାବରେ ଜୁନ ୨୧ ରୁ ୨୫ ରିଖ ମଧ୍ୟରେ ଜିଲ୍ଲା ସମ୍ପ୍ରସାରଣ ତାଲିମ କେନ୍ଦ୍ର, ଭବାନୀପାଟଣାଠାରେ ୪୦ ଜଣ କୃଷିସଖୀମାନଙ୍କ ପାଇଁ ପ୍ରାକୃତିକ କୃଷି ଉପରେ ଏକ ୫ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରର ମୃତ୍ତିକା ବିଜ୍ଞାନ ବିଶେଷଜ୍ଞା ଡଃ. ଶ୍ରଦ୍ଧା ମହାନ୍ତି ପ୍ରାକୃତିକ କୃଷିର ମୂଳମନ୍ତ୍ର ତଥା ଏଥିରେ ବ୍ୟବହାର ଯୋଗ୍ୟ ବିଭିନ୍ନ ଉତ୍ପାଦ ଯଥା ଜୀବାମୃତ, ବୀଜାମୃତ, ଘନଜୀବାମୃତ ଆଦିର ପ୍ରସ୍ତୁତିବିଧି,



ପ୍ରୟୋଗ, ମୃତ୍ତିକାରେ ପୋଷକତତ୍ତ୍ୱ ଏବଂ ଜଳୀୟଅଂଶ ପରିଚାଳନା ସମ୍ବନ୍ଧରେ ଆଲୋଚନା କରିଥିଲେ। ରୋଗପୋକ ପରିଚାଳନା ପାଇଁ ନିମାସ୍ତ୍ର, ଅଗ୍ନିଅସ୍ତ୍ର, ଏବଂ ବ୍ରହ୍ମାସ୍ତ୍ରର ବ୍ୟବହାର ତଥା ଅନାବନା ଘାସ ପରିଚାଳନା ସମ୍ବନ୍ଧରେ କେନ୍ଦ୍ରର କୃଷି ସମ୍ପ୍ରସାରଣ ବୈଜ୍ଞାନିକ ତ୍ରିବିଜୟୀ ବଡ଼ଜେନା ଅଂଶ ଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ। ଆମକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡଃ. ଅମିତାଭ ପଣ୍ଡା ଓ ଅନ୍ୟାନ ବିଶିଷ୍ଟ ଅତିଥିଗଣଙ୍କ ଉପସ୍ଥିତିରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ସହିତ ପ୍ରାକୃତିକ କୃଷି ସମ୍ବନ୍ଧୀୟ ପୁସ୍ତକ ଏବଂ ଲିଫ୍‌ଲେଟ ବିତରଣ କରାଯାଇଥିଲା।

## ଆମ ପରିବାର


**ସଂପାଦକ:**

**ଡ. ଅମିତାଭ ପଣ୍ଡା,**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସହ ସଂପାଦକ:**

**ଶ୍ରୀ ତ୍ରିବିଜୟୀ ବଡ଼ଜେନା**
ବୈଜ୍ଞାନିକ (କୃଷି ସଂପ୍ରସାରଣ)

**ସଂପାଦନାମଣ୍ଡଳୀ:**

**ଶ୍ରୀମତୀ ତୁଳସୀ ମାଝୀ**
ବୈଜ୍ଞାନିକ (ଉଦ୍ୟାନ କୃଷି)

**ଶ୍ରୀ ବିନୋଦ କୁମାର ଜେନା**
ବୈଜ୍ଞାନିକ (ଉଦ୍ଭିଦ ଅଭିଜନକ)

**ଡ. ଶ୍ରଦ୍ଧା ମହାନ୍ତି**
ବିଷୟବସ୍ତୁ ବିଶେଷଜ୍ଞା (ମୃତ୍ତିକା ବିଜ୍ଞାନ)

**ଡ. ଜଗମୋହନ ମେହେର**
ବିଷୟବସ୍ତୁ ବିଶେଷଜ୍ଞ (କୃଷି ଯାନ୍ତ୍ରିକ)

**ଶ୍ରୀମତୀ ଶୁଭଶ୍ରୀ ସାହୁ**
କାର୍ଯ୍ୟକ୍ରମ ସହାୟିକା (ଗୃହ ବିଜ୍ଞାନ)

**ଶ୍ରୀ ସ୍ୱରାଜ ମେହେର,** (ନିକ୍ରା ପ୍ରକଳ୍ପ)

**ଶ୍ରୀ ବିଶ୍ୱ ରଞ୍ଜନ ବାରିକ,**
ଉଦ୍ଭିଦ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟକ

**ଶ୍ରୀମତୀ ମମତା ନାୟକ,** କାର୍ଯ୍ୟକ୍ରମ ସହାୟିକା (କମ୍ପ୍ୟୁଟର)

**ଯୋଗାଯୋଗ:** କୃଷି ବିଜ୍ଞାନ କେନ୍ଦ୍ର, ଅର୍କବାହାଲିପଡ଼ା, ଭବାନୀ ପାଟଣା, କଳାହାଣ୍ଡି - ୭୬୬୦୦୧

This News letter is Printed, Published & Owned by Sr. Scientist & Head, KVK, Kalahandi, Arkabahalipada, Bhabanipatna, Odisha, E-mail : kvk.kalahandi@ouat.ac.in, Website : www.kvkkalahandi.org / Printed at: ankitagraphics, BBSR, Cell:9437077337

**Editor:** Dr. Amitabh Panda

**Asst. Editor:** Mr. Tribijayee Badjena